# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 20 January – 2026

**********************************

## ମୁଖ୍ୟ ସମ୍ବାଦ

- କଟକରେ ନେତାଜୀ ସୁଭାଷ ଚନ୍ଦ୍ର ଜୟନ୍ତୀ କାର୍ଯ୍ୟକ୍ରମରେ ଯୋଗଦେବା ଲାଗି ଓଡ଼ିଶା ଗସ୍ତରେ ଆସିବେ ଉପରାଷ୍ଟ୍ରପତି
- ବିଜେପିର ରାଷ୍ଟ୍ରୀୟ ଅଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କଲେ ନିତିନ ନବୀନ
- ଆସନ୍ତା ପଞ୍ଚାୟତ ଓ ପୌର ନିର୍ବାଚନ ପ୍ରସ୍ତୁତି ନେଇ ଛତ୍ରପୁରରେ ରାଜ୍ୟ ନିର୍ବାଚନ କମିଶନରଙ୍କ ଅଧ୍ୟକ୍ଷତାରେ ବୈଠକ

ଏବଂ

- ଯୋରନ୍ଦା ମହିମା ମନ୍ଦିରର ସର୍ବାଙ୍ଗୀନ ଉନ୍ନତିକରଣ କାର୍ଯ୍ୟ ତ୍ୱରାନ୍ୱିତ କରିବା ଲାଗି ସମୀକ୍ଷା କଲେ ମୁଖ୍ୟ ଶାସନ ସଚିବ

# ଉପରାଷ୍ଟ୍ରପତି

ଉପରାଷ୍ଟ୍ରପତି ସି.ପି.ରାଧାକ୍ରିଷ୍ଣନ ଆସନ୍ତା ୨୩ ତାରିଖ ଶୁକ୍ରବାର ଦିନ ଓଡ଼ିଶା ଗସ୍ତରେ ଆସୁଛନ୍ତି। କଟକରେ ପରାକ୍ରମ ଦିବସ ଅବସରରେ ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ କାର୍ଯ୍ୟକ୍ରମରେ ଯୋଗଦେବେ। ଏହି ଅବସରରେ ନେତାଜୀ ସଂଗ୍ରହାଳୟରେ ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସଂସ୍କୃତି ବିଭାଗ ପକ୍ଷରୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଉପରାଷ୍ଟ୍ରପତିଙ୍କ ଗସ୍ତ ପୂର୍ବରୁ ରାଜ୍ୟ ସଂସ୍କୃତି ସଚିବ ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟ ବୁଲି ସମୀକ୍ଷା କରିଛନ୍ତି। କାର୍ଯ୍ୟକ୍ରମରେ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେବାର କାର୍ଯ୍ୟସୂଚୀ ରହିଛି। ଉପରାଷ୍ଟ୍ରପତିଙ୍କ ଗସ୍ତ ପୂର୍ବରୁ ଆଜି ଭୁବନେଶ୍ୱର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା।

# ରାଷ୍ଟ୍ରୀୟ ଅଧ୍ୟକ୍ଷ-ବିଜେପି

ଭାରତୀୟ ଜନତା ପାର୍ଟି-ବିଜେପିର ବରିଷ୍ଠ ନେତା ନିତିନ ନବୀନ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଭାବେ ନିର୍ବାଚିତ ହେବା ପରେ ଆଜି ଦାୟିତ୍ୱ ଗ୍ରହଣ କରିଛନ୍ତି। ଶ୍ରୀ ନବୀନଙ୍କୁ ଦଳର ଦ୍ୱାଦଶ ରାଷ୍ଟ୍ରୀୟ ଅଧ୍ୟକ୍ଷ ଭାବେ ଚୟନ କରାଯାଇଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହ, ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂଙ୍କ ସହ ଅନ୍ୟ ବରିଷ୍ଠ ନେତାମାନେ ଶୁଭେଚ୍ଛା ଜଣାଇଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶ୍ରୀ ନବୀନଙ୍କୁ ଶୁଭେଚ୍ଛା ଜଣାଇ ବିଜେପିକୁ ବିଶ୍ୱର ସର୍ବବୃହତ ରାଜନୈତିକ ଦଳ ବୋଲି ଅଭିହିତ କରିଛନ୍ତି। ତାଙ୍କର ଦୃଢ଼ ସାଙ୍ଗଠନିକ ଏବଂ ପ୍ରଶାସନିକ ଅଭିଜ୍ଞତା ଦଳର ଲୋକଙ୍କ ଆଶା, ଆକାଂକ୍ଷା ପୂରଣ ପାଇଁ ସାମୂହିକ ପ୍ରୟାସରେ ଗୁରୁତ୍ୱପୂର୍ଣ୍ଣ ମୂଲ୍ୟ ସଂଯୋଗ କରିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

## ବାଚସ୍ପତି ସମ୍ମିଳନୀ

ଉତ୍ତରଦାୟିତ୍ୱ ଗଣତାନ୍ତ୍ରିକ ଶାସନର ମୂଳ ଆଧାର ବୋଲି ବାଚସ୍ପତି ସୁରମା ପାଢ଼ୀ କହିଛନ୍ତି। ଲକ୍ଷ୍ମୌଠାରେ ଆୟୋଜିତ ୮୬ତମ ସର୍ବଭାରତୀୟ ବାଚସ୍ପତି ସମ୍ମିଳନୀରେ ଯୋଗଦେଇ ଜନସାଧାରଣଙ୍କ ପ୍ରତି ବିଧାନସଭାର ଉତ୍ତରଦାୟିତ୍ୱ ଶୀର୍ଷକ ଆଲୋଚନାରେ ଭାଗନେଇ ଶ୍ରୀମତୀ ପାଢ଼ୀ କହିଛନ୍ତି, ବିଧାନସଭାରେ ଆଇନ୍ ପ୍ରଣୟନ ସହ ବିଚାର-ବିମର୍ଶ ତର୍କ-ବିତର୍କ କରାଯାଇଥାଏ। ଉତ୍ତରଦାୟିତ୍ୱ ମାଧ୍ୟମରେ ବିଧାନସଭା ସବୁ ସମୟରେ ଜନସାଧାରଣଙ୍କ ବିଶ୍ୱାସ ବଜାୟ ରଖିବାରେ ସକ୍ଷମ ହେବା ସହ ସାର୍ବଜନୀନ ବ୍ୟାପାରରେ ସ୍ୱଚ୍ଛତା ଓ ସମ୍ବିଧାନର ସାର୍ବଭୌମିକତାକୁ ନିଶ୍ଚିତ କରିଥାଏ। ବିଧାନସଭା କାର୍ଯ୍ୟକ୍ରମର ଡିଜିଟାଲ ପ୍ରସାର ଉଭୟ ଗୃହ ଓ ଜନସାଧାରଣଙ୍କ ମଧ୍ୟରେ ଏକ ପ୍ରଭାବଶାଳୀ ସମ୍ପର୍କ ସ୍ଥାପନ କରିଛି। ଯାହା ଗଣତାନ୍ତ୍ରିକ ଅନୁଷ୍ଠାନ ପ୍ରତି ଲୋକଙ୍କ ବିଶ୍ୱାସକୁ ଆହୁରି ଦୃଢ଼ୀଭୂତ କରିପାରିଛି ବୋଲି ଶ୍ରୀମତୀ ପାଢ଼ୀ କହିଛନ୍ତି। କାର୍ଯ୍ୟକ୍ରମରେ ରାଜ୍ୟସଭାର ଉପାଧ୍ୟକ୍ଷ ଶ୍ରୀହରିବଂଶ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଲକ୍ଷ୍ମୌଠାରେ ଏହି ସମ୍ମିଳନୀ ଓ ୬୨ତମ ବିଧାନସଭାର ସଚିବମାନଙ୍କ ସମ୍ମିଳନୀ ଆସନ୍ତାକାଲି ପର୍ଯ୍ୟନ୍ତ ଚାଲିବ।

## ନିର୍ବାଚନ ପ୍ରସ୍ତୁତି ସମୀକ୍ଷା

**ଗଞ୍ଜାମ** ଜିଲ୍ଲା ସଦର ମହକୁମା ଛତ୍ରପୁରସ୍ଥିତ ଋଷିକୂଲ୍ୟା ସମ୍ମିଳନୀ କକ୍ଷରେ ରାଜ୍ୟ ନିର୍ବାଚନ କମିଶନର ମଧୁସୂଦନ ପାଢ଼ୀ ଆସନ୍ତା ୨୦୨୭ ଅନୁଷ୍ଠିତ ହେବାକୁ ଥିବା ପଞ୍ଚାୟତ ଓ ପୌର ନିର୍ବାଚନ ପ୍ରସ୍ତୁତି ସଂକ୍ରାନ୍ତୀୟ ସମୀକ୍ଷା କରିଛନ୍ତି।

ଆଗାମୀ ପଂଚାୟତ ତଥା ପୌର ନିର୍ବାଚନ ଏବଂ ଭୋଟର ତାଲିକା ସଂଶୋଧନକୁ ସ୍ୱଚ୍ଛ, ନିରପେକ୍ଷ ଓ ସଫଳତାର ସହ ସମ୍ପାଦକ କରିବାକୁ ରାଜ୍ୟ ନିର୍ବାଚନ ଆୟୁକ୍ତ ଶ୍ରୀ ପାଢ଼ୀ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ବୈଠକରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ସର୍ଭେ, ବାଲାଟ ବକ୍ସ, ଇଭିଏମ୍‌ର ସ୍ଥିତି ଓ ଅବସ୍ଥିତି ଯାଞ୍ଚ, ପଂଚାୟତ ନିର୍ବାଚନ ପାଇଁ ବୁଥ୍ ପୁନର୍ଗଠନ ଆଦି ବିଷୟରେ ଶ୍ରୀ ପାଢୀ ଆଲୋଚନା କରିଛନ୍ତି।

**- V/O - (ମଧୁସୂଦନ ପାଢ଼ୀ)**

ବୈଠକରେ ଦକ୍ଷିଣାଞ୍ଚଳ ଆରଡିସି ଅଧୀନ ୮ଟି ଜିଲ୍ଲା ଗଞ୍ଜାମ, ଗଜପତି, କଳାହାଣ୍ଡି, କନ୍ଧମାଳ, କୋରାପୁଟ, ମାଲକାନଗିରି, ନବରଙ୍ଗପୁର ଏବଂ ରାୟଗଡ଼ା ଜିଲ୍ଲାର ଜିଲ୍ଲାପାଳଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

## ମାଓ ମୁକାବିଲା

ପଶ୍ଚିମାଞ୍ଚଳ ଡିଆଇଜିଙ୍କ କାର୍ଯ୍ୟାଳୟରେ ମାଓ ମୁକାବିଲା ନେଇ ଗୁରୁତ୍ୱପୂର୍ଣ୍ଣ ବୈଠକ ଜାରି ରହିଛି। ସିଆରପିଏଫ୍ ଆଇଜି ଏ.ଏନ୍.ସିହ୍ନାଙ୍କ

ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମାଓ ମୁକାବିଲା ନେଇ ରଣନୀତି ପ୍ରସ୍ତୁତି ଓ ପରବର୍ତ୍ତୀ ପଦକ୍ଷେପ ସମ୍ପର୍କରେ ଆଲୋଚନା ଜାରି ରହିଛି। ବୈଠକରେ ଆସନ୍ତା ମାର୍ଚ୍ଚ ମାସ ସୁଦ୍ଧା ଓଡ଼ିଶାକୁ ମାଓବାଦୀ ମୁକ୍ତ କରିବା ନେଇ ଗୁରୁତ୍ୱାରୋପ କରାଯାଇଛି। ବରିଷ୍ଠ ସି.ଆର.ପି.ଏଫ୍ ଅଧିକାରୀ, ରାଉରକେଲା ଆରକ୍ଷୀ ଅଧିକ୍ଷକଙ୍କ ସମେତ ଝାଡଖଣ୍ଡ ସୀମାନ୍ତ ଥାନା ଅଧିକାରୀମାନେ ବୈଠକରେ ଉପସ୍ଥିତ ଅଛନ୍ତି।

## ଡଲ୍‌ଫିନ୍ ଗଣନା

ଚିଲିକାରେ ଆଜିଠାରୁ ତିନିଦିନ ପର୍ଯ୍ୟନ୍ତ ଡଲଫିନ୍ ଗଣନା ଆରମ୍ଭ ହୋଇଛି। ଗଣନା ପାଇଁ ୧୮ଟି ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। ଏଥିରେ ଜଣେ ବିଶେଷଜ୍ଞଙ୍କ ସହିତ ୩ରୁ ୫ ଜଣ ଗଣନାକାରୀ ନିୟୋଜିତ ଅଛନ୍ତି। ଚିଲିକା ସଂଲଗ୍ନ ବାଲୁଗାଁ ଓ ସାତପଡ଼ାରେ ଡଲଫିନ୍ ଗଣନା କରାଯାଉଛି।

ଗଣନାକାରୀ ଦଳ ଚିଲିକାର ଦକ୍ଷିଣାଞ୍ଚଳ, ଉତ୍ତରାଞ୍ଚଳ, କେନ୍ଦ୍ରାଞ୍ଚଳରେ ଗଣନା କରୁଛନ୍ତି। ପ୍ରତ୍ୟେକ ଗଣନାକାରୀଙ୍କ ଡଙ୍ଗାରେ ଜିପିଏସ୍ ମେସିନ ଖଞ୍ଜାଯାଇଛି। ଗଣନା କରିବା ପାଇଁ ବାଇନାକୁଲାର, ରେଞ୍ଜି ଡିଟେକ୍ଟର, ଡ୍ରୋନ୍, କମ୍ପାସ୍‌ର ବ୍ୟବହାର କରାଯାଉଛି।

ଏଥିପାଇଁ ସକାଳ ୬ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଡଙ୍ଗା ଚଳାଚଳକୁ ନିଷେଧ କରାଯାଇଛି।

ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଓ ଭିତରକନିକାରେ ମଧ୍ୟ ଆଜିଠାରୁ ଡଲଫିନ୍ ଗଣନା ଆରମ୍ଭ ହୋଇଛି। ଗଣନାରେ ୯ଟି ବିଶେଷଜ୍ଞ ଟିମ୍ ସାମିଲ

ହୋଇଛନ୍ତି। ଧାମରା ମୁହାଣଠାରୁ ଦେବୀ ନଦୀ ପର୍ଯ୍ୟନ୍ତ ଏବଂ ଭିତରକନିକା ଜାତୀୟ ଉଦ୍ୟାନ ମଧ୍ୟରେ ଥିବା କ୍ରିକ୍ ଓ ନଦୀରେ ଏହି ଗଣନା କରାଯାଉଛି।

ଚଳିତବର୍ଷ ହୀରାକୁଦ ଜଳଭଣ୍ଡାରକୁ ୧୨୮ ପ୍ରଜାତିର ୪ ଲକ୍ଷ ୨୦ ହଜାର ପକ୍ଷୀ ଆସିଥିବା ଜଳଭଣ୍ଡାର ବନ୍ୟପ୍ରାଣୀ ଡିଭିଜନର ବନଖଣ୍ଡ ଅଧିକାରୀ ଅଂଶୁପ୍ରଜ୍ଞା ଦାସ ସୂଚନା ଦେଇଛନ୍ତି। ଏଥର ୫ଟି ନୂଆ ପ୍ରଜାତିର ପକ୍ଷୀ ହୀରାକୁଦକୁ ଆସିଥିବା ଗଣନାରୁ ଜଣାପଡିଛି। ଗତବର୍ଷ ଅପେକ୍ଷା ପକ୍ଷୀ ସଂଖ୍ୟାରେ ୪୩ ହଜାର ବୃଦ୍ଧି ପାଇଥିବା ଜଣାପଡିଛି।

## ସମୀକ୍ଷା ବୈଠକ-ଅନୁ ଗର୍ଗ

ଭୁବନେଶ୍ୱର ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଢେଙ୍କାନାଳ ଯୋରନ୍ଦାସ୍ଥିତ ମହିମା ମନ୍ଦିରର ସର୍ବାଙ୍ଗୀନ ଉନ୍ନତିକରଣ ସଂକ୍ରାନ୍ତରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ମହିମା ମନ୍ଦିର ବା ଶୂନ୍ୟ ମନ୍ଦିର ଭିତରେ ଥାଇ ଏହାକୁ ଆବୃତ କରି ଏକ ସୁଉଚ୍ଚ ତଥା ଭବ୍ୟ ମନ୍ଦିର ନିର୍ମାଣ, ରୋଷଘର, ଯାତ୍ରୀନିବାସ ଏବଂ ପାର୍କିଂ ବ୍ୟବସ୍ଥା ଆଦି ସଂକ୍ରାନ୍ତରେ ବିସ୍ତୃତ ଆଲୋଚନା ହୋଇଛି। ଏହା ସହ ମନ୍ଦିର ପରିସରରେ ଥିବା ଅଖଣ୍ଡ ଜ୍ୟୋତି ମନ୍ଦିର, ଭଜନ ମଣ୍ଡପ, ପ୍ରାର୍ଥନା ଗୃହ ଏବଂ ପୁଷ୍କରିଣୀ ସହ ମନ୍ଦିରର ଅନ୍ୟ ପାରିପାର୍ଶ୍ୱିକ ଉନ୍ନତିକରଣ ନେଇ ପଦକ୍ଷେପ ନେବାକୁ ଶ୍ରୀମତୀ ଗର୍ଗ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ଏହି ପ୍ରକଳ୍ପ କାର୍ଯ୍ୟ ଆସନ୍ତା ୩ ବର୍ଷ ମଧ୍ୟରେ ନିର୍ମାଣ ହେବ ବୋଲି ବୈଠକରୁ ଜଣାପଡିଛି।

## ହାତୀମୃତ୍ୟୁ

**କନ୍ଧମାଳ** ଜିଲ୍ଲା ବାଲିଗୁଡ଼ା ବନଖଣ୍ଡ ବେଲଘର ବନାଞ୍ଚଳ ଅନ୍ତର୍ଗତ ଝିରିପାଣି ମୁଣ୍ଡୁଟି ଜଙ୍ଗଲରେ ହାତୀମୃତ୍ୟୁ ଘଟଣାର ତଦନ୍ତ ପରେ ରେଞ୍ଜର ବିନୟ କୁମାର ବିଶିଙ୍କୁ ନିଲମ୍ବିତ କରାଯାଇଥିବା ଜିଲ୍ଲା ବନଖଣ୍ଡ ଅଧିକାରୀ ସୂଚନା ଦେଇଛନ୍ତି। ହାତୀ ମୃତ୍ୟୁ ପରେ ମୃତ ଦେହକୁ ଅନ୍ୟତ୍ର ଲୁଚାଇ ଘଟଣାକୁ ଚପାଇବାକୁ ରେଞ୍ଜର ଉଦ୍ୟମ କରିଥିବା ଅଭିଯୋଗ ହୋଇଥିଲା।

## ସୁଭଦ୍ରା ଶକ୍ତିମେଳା

**ନୟାଗଡ଼** ଷ୍ଟାଡିୟମ୍‌ରେ ଚାଲିଥିବା ସୁଭଦ୍ରା ଶକ୍ତିମେଳା ଆଜି ଉଦ୍‌ଯାପିତ ହୋଇଯାଇଛି। ନାରୀ ସଶକ୍ତୀକରଣ ଓ ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଏହି ମେଳା ଗତ ୭ ଦିନ ଧରି ଚାଲିଥିଲା। ସ୍ୱୟଂସହାୟକ ଗୋଷ୍ଠି ମହିଳାମାନଙ୍କ ପାଇଁ ବଜାର ସଂଯୋଗ, ଉଦ୍ୟମିତା ବିକାଶ ଓ ଆୟବୃଦ୍ଧିର ଏକ ସଫଳ ମଂଚ ଭାବେ ଏହି ମେଳା ଉଭା ହୋଇଛି। ଖଣ୍ଡପଡା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ଉଦ୍‌ଯାପନୀ ଦିବସରେ ଯୋଗଦେଇ କହିଛନ୍ତି, ଲକ୍ଷପତି ଦିଦି ନାରୀ ସଶକ୍ତୀକରଣର ଜ୍ୱଳନ୍ତ ନିଦର୍ଶନ। ମେଳାରେ ୨୬୦ ଜଣ ନୂଆ ଲକ୍ଷପତି ଦିଦି ହେବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସୁଭଦ୍ରା ଶକ୍ତିମେଳା ନାରୀମାନଙ୍କ ପାଇଁ ସ୍ୱପ୍ନ, ସୁଯୋଗ ଓ ସମ୍ଭାବନା ଆଣିଦେଇଛି।

## ଡିଜିଟାଲ ପେମେଣ୍ଟ

କଟକ ଉନ୍ନୟନ କର୍ତ୍ତୃପକ୍ଷ-ସିଡିଏ ଲିଙ୍କରୋଡ୍‌ସ୍ଥିତ ଅରୁଣୋଦୟ ଭବନର କାର୍ଯ୍ୟାଳୟ ପରିସରରେ ଡିଜିଟାଲ ପେମେଣ୍ଟ ସୁବିଧାର ଆରମ୍ଭ କରାଯାଇଛି। ଆର୍ଥିକ କାରବାରରେ ସ୍ୱଚ୍ଛତାକୁ ମଜଭୁତ କରିବା ଏବଂ ନଗଦ ଟଙ୍କାର

କାରବାରକୁ ହ୍ରାସ କରିବା ପାଇଁ ଏହି ପଦକ୍ଷେପ ଗ୍ରହଣ କରାଯାଇଥିବା ଉପାଧ୍ୟକ୍ଷା ସୂଚନା ଦେଇଛନ୍ତି।

## ସାକ୍ଷରତା ଶିବିର

**ଗଞ୍ଜାମ** ଜିଲ୍ଲା ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାରଙ୍କ ନିର୍ଦ୍ଦେଶକ୍ରମେ ସଞ୍ଚୟ ଏବଂ ଆର୍ଥିକ ସେବା ବିଭାଗ ପକ୍ଷରୁ ଦୁଇଟି ଆର୍ଥିକ ସାକ୍ଷରତା ଶିବିର ଜିଲ୍ଲାର ସାନଖେମୁଣ୍ଡି ବ୍ଲକ୍ ଅନ୍ତର୍ଗତ ପି. ରାମଚନ୍ଦ୍ରପୁର ସ୍ଥିତ ଉଚ୍ଚପ୍ରାଥମିକ ବିଦ୍ୟାଳୟ ଏବଂ ଏସ୍.ଗୋପାଳପୁର ନୋଡାଲ ଉଚ୍ଚବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଭିନ୍ନ ସ୍ୱଳ୍ପ ସଞ୍ଚୟ ଯୋଜନା କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଚଳିତ ବିଭିନ୍ନ ଏବଂ ସାଇବର ଅପରାଧ ସମ୍ବନ୍ଧରେ ଆଲୋଚନା କରାଯାଇଥିଲା।

## ମଧ୍ୟସ୍ଥତା ଅଭିଯାନ

**ବୌଦ୍ଧ** ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ପକ୍ଷରୁ ବୌଦ୍ଧ, କଣ୍ଟାମାଳ ଏବଂ ହରଭଙ୍ଗାଠାରେ ଦ୍ୱିତୀୟ ମଧ୍ୟସ୍ଥତା ଅଭିଯାନର ଶୁଭାରମ୍ଭ କରାଯାଇଛି। ଏହି ଅଭିଯାନ ମାଧ୍ୟମରେ ଅଦାଲତରେ ବିଚାରାଧିନ ବୈବାହିକ ବିବାଦ, ଦୁର୍ଘଟଣା ଜନିତ ଦାବି, ଘରୋଇ ହିଂସା, ବିଭିନ୍ନ ଫୌଜଦାରୀ ଆଦି ମାମଲାର ଆପୋଷ ସହମତିରେ ସମାଧାନ କରାଯାଇପାରିବ।

## ବାର୍ଷିକ ସମ୍ମିଳନୀ

**ଭଦ୍ରକ** ଜିଲ୍ଲା ବରିଷ୍ଠ ନାଗରିକ ମହାସଂଘର ଷଷ୍ଠ ବାର୍ଷିକ ସମ୍ମିଳନୀ ନୂଆବଜାରସ୍ଥିତ ଭାଗବତ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସାମାଜିକ ସୁରକ୍ଷା, ସଶକ୍ତୀକରଣ ବିଭାଗ ଅତିରିକ୍ତ ଶାସନ

ସଚିବ ଦୀପକ ରାଉତରାୟ ଯୋଗଦେଇ ସରକାରଙ୍କ ବିଭିନ୍ନ ଯୋଜନାରେ ଅନ୍ତର୍ଭୁକ୍ତ କରିବା, ସ୍ୱାସ୍ଥ୍ୟ ସେବା, ସାମାଜିକ ଅଧିକାର ଏବଂ ବିଭିନ୍ନ ଆଇନ୍ ବ୍ୟବସ୍ଥା ସମ୍ପର୍କରେ ବରିଷ୍ଠ ନାଗରିକଙ୍କ ସହ ଆଲୋଚନା କରିଥିଲେ।

## ବାର୍ଷିକୀ ପାଳନ

**ବୌଦ୍ଧ** ଜିଲ୍ଲା ସଂଗ୍ରହାଳୟ ପରିସରରେ ବନ୍ଦେ ମାତରମ୍‌ର ଜିଲ୍ଲାସ୍ତରୀୟ ୧୫୦ତମ ବାର୍ଷିକୀ ଉତ୍ସବ ଅବସରରେ ସାମୂହିକ ଗାନ ଆତ୍ମନିର୍ଭର ଭାରତ, ସ୍ୱଦେଶୀ ସଂକଳ୍ପ ପାଠ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ ଯୋଗଦେଇ କୃତୀ ଛାତ୍ରଛାତ୍ରୀ ଏବଂ ବ୍ଲକ ଏବଂ ପୌର ପରିଷଦର ୧୨ ଜଣ ସାଧନକର୍ମୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

## ବାର୍ଷିକୀ

ରଣପୁର ପଂଚାୟତ ସମିତି ସମ୍ମିଳନୀ ଗୃହରେ ବନ୍ଦେ ମାତରମ୍‌ର ୧୫୦ତମ ବାର୍ଷିକୀ ପାଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସାମୂହିକ ଗାନ ଓ ୧୮ ଜଣ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଛି।

## ବାର୍ଷିକ ଉତ୍ସବ

**ଖୋର୍ଦ୍ଧା** ଜିଲ୍ଲା ଗୁରୁଜଙ୍ଗସ୍ଥିତ ପିଏମ୍‌ଶ୍ରୀ ସରକାରୀ ଉଚ୍ଚବିଦ୍ୟାଳୟରେ ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କୁ ନେଇ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ହ୍ୟାଣ୍ଡବଲ୍

ଓଡ଼ିଶା ରାଜ୍ୟ ହ୍ୟାଣ୍ଡବଲ୍ ଆସୋସିଏସନ୍ ପକ୍ଷରୁ **ରାୟଗଡ଼ା** ଜିଲ୍ଲା ବିଷମକଟକ ମିନିଷ୍ଟାଡିୟମ୍‌ଠାରେ ୩୧ତମ ଜୁନିୟର ବାଳକ ଓ ବାଳିକା ରାଜ୍ୟସ୍ତରୀୟ ହ୍ୟାଣ୍ଡବଲ୍ ଚାମ୍ପିଅନ୍‌ସିପ୍-୨୦୨୬ ଅନୁଷ୍ଠିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ ଗଞ୍ଜାମର ଉଭୟ ବାଳକ ଓ ବାଳିକା ଚାମ୍ପିଅନ୍ ହୋଇଛନ୍ତି।

## ଲାଲମନୀ କ୍ରିକେଟ

**ସୁବର୍ଣ୍ଣପୁର** ଜିଲ୍ଲା ସଦର ମହକୁମା ଗାନ୍ଧୀପଡିଆଠାରେ ଚାଲିଥିବା ୩୭ତମ ସର୍ବଭାରତୀୟ ଲାଲମନୀ କ୍ରିକେଟ କପ୍‌ର ଆଜିର ମ୍ୟାଚ୍‌ରେ ବଲାଙ୍ଗିର ୟଙ୍ଗଷ୍ଟାର ଦଳ ବିଜୟୀ ହୋଇଛି। ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିନର ମ୍ୟାଚରେ ଅନୁଗୁଳ କ୍ରିକେଟ କ୍ଲବ୍‌କୁ ୨ ୱିକେଟରେ ପରାସ୍ତ କରି ବଲାଙ୍ଗିର ୟଙ୍ଗଷ୍ଟାର ପ୍ରଥମ ସେମିଫାଇନାଲକୁ ଉନ୍ନୀତ ହୋଇଛି। ମ୍ୟାଚ୍ ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ ଚାଲିବ।